# NATIONAL NEWS BULLETIN (ODIA)
## 29 August - 2024
## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ଭବ୍ୟ ଉଦ୍‌ଘାଟନୀ ସମାରୋହ ସହ ପ୍ୟାରିସ୍‌ରେ ଆରମ୍ଭ ହେଲା ପାରାଅଲିମ୍ପିକ୍ସ ୨୦୨୪ ।

– କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଦେଶର ୨୩୪ଟି ସହରରେ ଖୋଲିବ ୭୩୦ଟି ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ।

– ଓଡ଼ିଶାର ୬ଟି ସହରରେ ୧୯ଟି ଚ୍ୟାନେଲ୍ ଖୋଲିବା ପାଇଁ ଯୋଜନା ।

- ମନ୍ତ୍ରୀ ପଦ ସମେତ ବିଧାୟକ ପଦରୁ ଇସ୍ତଫା ଦେଲେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚେମ୍ପଇ ସୋରେନ୍ ।

– ଆସନ୍ତାକାଲି ବିଜେପିରେ ଯୋଗଦେବେ ।

- ଟେଲିଗ୍ରାମ୍‌ର ପ୍ରତିଷ୍ଠାତାଙ୍କୁ ମିଳିଲା ଜାମିନ୍, ୬ଟି ଅଭିଯୋଗରେ ତଦନ୍ତ ଜାରି ।

ଏବଂ

- ନିଯୁକ୍ତ ହେଲେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷାବଳ ଓ ସୀମା ସୁରକ୍ଷାବଳର ନୂଆ ମହାନିର୍ଦ୍ଦେଶକ ।

## ପାରା ଅଲିମ୍ପିକ୍ ଗେମ୍ସ

ପ୍ୟାରିସରେ ଏକ ଭବ୍ୟ ଉଦଘାଟନୀ ସମାରୋହ ସହ ପାରାଅଲିମ୍ପିକ୍ ଗେମ୍ସ ୨୦୨୪ର ଆନୁଷ୍ଠାନିକ ଉଦଘାଟନ ହୋଇଛି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ପ୍ୟାରିସର କେନ୍ଦ୍ରସ୍ଥଳରେ ଏକ ରଙ୍ଗାରଙ୍ଗ ସମାରୋହରେ ଏହି କ୍ରୀଡ଼ାକୁ ଉଦ୍‌ଘାଟନ କରିଛନ୍ତି। ୧୬୭ଟି ଦେଶର ପ୍ରତିନିଧିତ୍ୱ କରୁଥିବା ମୋଟ ୪ହଜାର ୪୦୦ କ୍ରୀଡ଼ାବିତ୍ ଚାମ୍ପ-ଏଲିସିସରୁ ପ୍ଲେସ୍ ଡି ଲା କନକର୍ଡ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଟୋକିଓ ୨୦୨୦ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ୍ ଥ୍ରୋୟର୍ ସୁମିତ ଆଣ୍ଟିଲ ଏବଂ ବିଶ୍ୱ ରେକର୍ଡଧାରୀ ଟେବୁଲ ଟେନିସ ଖେଳାଳି ଭାଗ୍ୟଶ୍ରୀ ଯାଦବ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଏହି କ୍ରୀଡ଼ାର ଚଳିତ ସଂସ୍କରଣରେ ମୋଟ ୮୪ ଜଣ ଭାରତୀୟ ପାରା କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି। ପାରାଅଲିମ୍ପିକ୍ସ ଇତିହାସରେ ଏହା ଭାରତର ସର୍ବବୃହତ ଦଳ। ଏହି ପ୍ରତିଯୋଗିତାରେ ଭାରତ ୨୨ଟି କ୍ରୀଡ଼ା ମଧ୍ୟରୁ ୧୨ଟିରେ ଭାଗ ନେବ।

କ୍ରିଷ୍ଣା ନାଗର ବ୍ୟାଡମିଣ୍ଟନରେ ନିଜର ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିବା ପାଇଁ ଚେଷ୍ଟା କରିବେ। ତେବେ ଅବନୀ ଲେଖାରା ଓ ମନୀଷ ନରୱାଲ ସୁଟିଂରେ ଭାଗ ନେଉଥିବା ବେଳେ ତୀରନ୍ଦାଜି, ସାଇକେଲ ଚାଳନା, ତାଇକୋଣ୍ଡୋ, ସନ୍ତରଣ ଓ ଟେବୁଲ ଟେନିସ ଭଳି ପ୍ରତିଯୋଗିତାରେ ଭାରତୀୟମାନେ ଆଜିଠାରୁ ପ୍ରତିଯୋଗିତା କରିବେ ।

ଆସନ୍ତାକାଲିଠାରୁ ଆଥଲେଟିକ୍ସ ଆରମ୍ଭ ହେବ, ଯେଉଁଥିରେ ୩୮ ଜଣ ଭାରତୀୟ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଜାଭେଲିନ୍ ଥ୍ରୋଅର୍ ସୁମିତ ଆଣ୍ଟିଲ୍ ଏବଂ ଟେବୁଲ୍ ଟେନିସ୍ ଖେଳାଳି ଭାବିନା ପଟେଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ପ୍ୟାରିସ୍ ପାରାଅଲିମ୍ପିକ୍ସ ସେପ୍ଟେମ୍ବର ୯ ରେ ସମାପନ ସମାରୋହ ସହିତ ଶେଷ ହେବ ।

## ପିଏମ୍-ପାରା ଅଲିମ୍ପିକ୍ସ

ପ୍ୟାରିସ୍ ପାରାଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ଦଳକୁ ୧୪୦ କୋଟି ଦେଶବାସୀ ଶୁଭେଚ୍ଛା ଜଣାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କ ସାହସ ଓ ସଂକଳ୍ପ ସମଗ୍ର ଦେଶ ପାଇଁ ପ୍ରେରଣାର ଉତ୍ସ । ସମସ୍ତେ ସେମାନଙ୍କ ସଫଳତାକୁ ପ୍ରଶଂସା କରୁଛନ୍ତି ବୋଲି ସେ କହିଛନ୍ତି।

# କ୍ୟାବିନେଟ୍

ଦେଶର ଅପହଞ୍ଚ ଇଲାକାକୁ ଯୋଡ଼ିବା ସହ ଆଞ୍ଚଳିକ ଭାଷାରେ କାର୍ଯ୍ୟକ୍ରମ ପ୍ରସାରଣ ନିମନ୍ତେ ୨୩୪ଟି ସହରରେ ୭୩୦ଟି ଘରୋଇ ଏଫ୍‌ଏମ୍ ଚ୍ୟାନେଲ୍ ଖୋଲିବ । ଗତକାଲି କ୍ୟାବିନେଟ୍‌ରେ ଏଥିପାଇଁ ଇ-ନିଲାମ ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶର ଯେଉଁସବୁ ଦ୍ୱିତୀୟ ଓ ତୃତୀୟ ବର୍ଗ ସହର ଗୁଡ଼ିକରେ ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ନାହିଁ ସେଠାରେ ଏହି କେନ୍ଦ୍ର ସ୍ଥାପନ କରାଯିବ । ସେ କହିଛନ୍ତି, ଏହି ନିଲାମ ଲାଗି ୭୮୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରିଜର୍ଭ ମୂଲ୍ୟ ଆକଳନ କରାଯାଇଛି । ନିଷ୍ପତ୍ତି ଅନୁଯାୟୀ ଉତ୍ତର ପ୍ରଦେଶରେ ୩୨ଟି ସହରରେ ସର୍ବାଧିକ ୧୦୦ଟି ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ଖୋଲାଯିବ । ଓଡ଼ିଶାରେ ମଧ୍ୟ ୬ଟି ସହରରେ ୧୯ଟି ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ଖୋଲିବ । ଏଥିରେ ବାରିପଦା, ଭଦ୍ରକ, ପୁରୀ ଏବଂ ସମ୍ବଲପୁରରେ ତିନୋଟି ଲେଖାଏଁ ଓ ବ୍ରହ୍ମପୁରରେ ଚାରୋଟି ଘରୋଇ ଏଫ୍.ଏମ୍. ଚ୍ୟାନେଲ୍ ଖୋଲିବ ବୋଲି ଜଣାପଡ଼ିଛି ।

# ଚମ୍ପେଇ ସୋରେନ୍

ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ, ହେମନ୍ତ ସୋରେନ ସରକାରର ମନ୍ତ୍ରୀ ପଦ ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି । ଜେଏମ୍ଏମ୍ ସଭାପତି ଶିବୁ ସୋରେନଙ୍କୁ ଲେଖିଥିବା ଚିଠିରେ ସେ କହିଛନ୍ତି, ଦଳର କାର୍ଯ୍ୟଶୈଳୀ ଓ ନୀତି ତାଙ୍କୁ ଦଳ ଛାଡ଼ିବାକୁ ବାଧ କରିଛି । ଶ୍ରୀ ସୋରେନ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ବିଭାଗ ବ୍ୟତୀତ ଜଳସମ୍ପଦ ବିଭାଗର ଦାୟିତ୍ୱ ତୁଲାଇଥିଲେ ।

ଆସନ୍ତାକାଲି ବିଜେପିରେ ଯୋଗ ଦେବାକୁ ଥିବା ଚମ୍ପେଇ ସୋରେନ ମଧ୍ଯ ଝାଡ଼ଖଣ୍ଡ ବିଧାନସଭାର ସରାଇକେଲା ନିର୍ବାଚନ ମଣ୍ଡଳୀର ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି । ଶ୍ରୀ ସୋରେନ କହିଛନ୍ତି, ଝାଡ଼ଖଣ୍ଡର ସ୍ୱାର୍ଥ ଦୃଷ୍ଟିରୁ ସେ ବିଜେପିରେ ଯୋଗଦେବାର ନିଷ୍ପତ୍ତି ନେଇଛନ୍ତି ।

# ଟେଲିଗ୍ରାମ୍-ସିଇଓ ଇନ୍‌ଭେଷ୍ଟିଗେସନ୍

ମେସେଜିଂ ଆପ୍ ଟେଲିଗ୍ରାମର ପ୍ରତିଷ୍ଠାତା ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପାଭେଲ ଡୁରୋଭଙ୍କୁ ୫ ନିୟୁତ ୟୁରୋ ଅର୍ଥରାଶି ଜମା କରିବା ପରେ ଜାମିନ୍ ମିଳିଛି । କିନ୍ତୁ ତାଙ୍କୁ ସପ୍ତାହକୁ ଦୁଇ ଥର ପୋଲିସରେ ରିପୋର୍ଟ କରିବାକୁ ପଡିବ ବୋଲି କୁହାଯାଇଛି । ପ୍ୟାରିସ୍‌ର ସରକାରୀ

ଓକିଲ କହିଛନ୍ତି, ଡୁରୋଭଙ୍କୁ ୬ଟି ଅଭିଯୋଗରେ ଆନୁଷ୍ଠାନିକ ଭାବେ ତଦନ୍ତାଧୀନ ରଖାଯାଇଛି ଏବଂ ତଦନ୍ତ ସମୟରେ ତାଙ୍କୁ ଫ୍ରାନ୍ସ ଛାଡ଼ି ବାହାରକୁ ଯିବାକୁ ବାରଣ କରାଯାଇଛି । ଗତ ଶନିବାର ରାତିରେ ପ୍ୟାରିସ ବାହାରେ ଥିବା ଏକ ବିମାନ ବନ୍ଦରରୁ ଡୁରୋଭଙ୍କୁ ଫ୍ରାନ୍ସ ପୋଲିସ ଗିରଫ କରିଥିଲା । ଟେଲିଗ୍ରାମ ପ୍ରତିଷ୍ଠାତାଙ୍କ ବିରୋଧରେ ସାଇବର ଠକେଇ, ଶିଶୁ ଯୌନ ଉତ୍ପିଡ଼ନ ବିଷୟବସ୍ତୁ ଏବଂ ଆତଙ୍କବାଦ ସହ ସମ୍ପର୍କିତ ବିଷୟ ପ୍ରସାର କରିବା ଏବଂ ଟେଲିଗ୍ରାମ ବ୍ୟବହାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେବା ସମେତ ଅନେକ ଅପରାଧିକ  ଅଭିଯୋଗ ରହିଛି । ଗିରଫଦାରିର ଜବାବରେ ଟେଲିଗ୍ରାମ ଗ୍ରୁପ୍ କହିଛି ଯେ କମ୍ପାନୀ ଡିଜିଟାଲ ସର୍ଭିସ ଆକ୍ଟ ସମେତ ୟୁରୋପୀୟ ସଂଘର ଆଇନ୍‌କୁ ପାଳନ କରୁଛି ।

## ଇଣ୍ଡିଆ-ଋଷିଆ

ଜରୁରୀକାଳୀନ ପରିଚାଳନା କ୍ଷେତ୍ରରେ ସହଯୋଗ ଉପରେ ମିଳିତ ରୁଷିଆ-ଭାରତୀୟ ଆୟୋଗର ଦ୍ୱିତୀୟ ବୈଠକ ଗତକାଲି ରୁଷିଆର ମସ୍କୋଠାରେ ଅନୁଷ୍ଠିତ ହୋଇଛି । ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି । ଏହି ଗସ୍ତର ପ୍ରଥମ ଦିନରେ, ୨୦୨୫-୨୦୨୬ ପାଇଁ ଜରୁରୀକାଳୀନ ପରିଚାଳନା

କ୍ଷେତ୍ରରେ ସହଯୋଗ ଉପରେ ମିଳିତ ରୁଷୀୟ-ଭାରତୀୟ ଆୟୋଗର କାର୍ଯ୍ୟ ଯୋଜନାରେ ଉଭୟ ଦେଶ ପ୍ରତିରକ୍ଷା, ଜରୁରୀକାଳୀନ ପରିସ୍ଥିତି ଏବଂ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି ।

୨୦୨୫-୨୦୨୬ ମଧ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଉଭୟ ଦେଶ ରାଜି ହୋଇଛନ୍ତି ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସର୍ବୋତ୍ତମ ଉପାୟ ଆଦାନପ୍ରଦାନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଭାରତ ଏବଂ ରୁଷ୍ ମଧ୍ୟରେ ପୂର୍ବ ଚୁକ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି ।

# ଡିଜି-ବିଏସ୍ଏଫ୍

ବିହାର କ୍ୟାଡରର ୧୯୯୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ରାଜବିନ୍ଦର ସିଂ ଭଟ୍ଟିଙ୍କୁ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍ଏଫ୍)ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ୧୯୯୦ ବ୍ୟାଚର ଉତ୍ତର ପ୍ରଦେଶ କ୍ୟାଡରର ଆଇପିଏସ୍ ଅଧିକାରୀ ଦଲଜିତ ସିଂ ଚୌଧୁରୀଙ୍କୁ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ମହାନିର୍ଦ୍ଦେଶକ ଭାବେ ମଧ୍ୟ ନିଯୁକ୍ତି ମିଳିଛି । ଶ୍ରୀ ଚୌଧୁରୀ ବର୍ତ୍ତମାନ ସଶସ୍ତ୍ର ସୀମା ବଳ (ଏସ୍ଏସ୍ବି)ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

# ପେନ୍‌ସନ୍ ୱେଲ୍‌ଫେୟାର୍

ସରକାରୀ କର୍ମଚାରୀଙ୍କ ସେବାରେ ଅବଦାନକୁ ସ୍ୱୀକୃତି ଦେବା ପାଇଁ ପେନ୍‌ସନ୍ ଓ ପେନସନ୍ ଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ନୂଆଦିଲ୍ଲୀରେ ସପ୍ତମ ଅନୁଭବ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ପେନସନ ଓ ପେନସନଭୋଗୀ କଲ୍ୟାଣ ସଚିବ ଭି. ଶ୍ରୀନିବାସ ୯ଟି ଭିନ୍ନ ଭିନ୍ନ ବିଭାଗ ଓ ମନ୍ତ୍ରଣାଳୟର କର୍ମଚାରୀଙ୍କୁ ୫ଟି ଅନୁଭବ ପୁରସ୍କାର ଓ ୧୦ଟି ଜୁରୀ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି।

ରାଷ୍ଟ୍ର ନିର୍ମାଣରେ କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ଅବଦାନକୁ ସଚିବ ପ୍ରଶଂସା କରିବା ସହ ଏହି ପୁରସ୍କାର ବର୍ତ୍ତମାନର ପିଢ଼ିର କର୍ମଚାରୀଙ୍କୁ ନିଜ ନିଜ କ୍ଷେତ୍ରରେ ଉତ୍କୃଷ୍ଟ ହେବାକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ।

ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଅବସର ନେବାକୁ ଯାଉଥିବା ସରକାରୀ କର୍ମଚାରୀଙ୍କ ସୁବିଧା ପାଇଁ ବିଭାଗ ପକ୍ଷରୁ ୫୫ତମ ପ୍ରାକ୍ ଅବସର କାଳୀନ କାଉନସେଲିଂ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଅବସର ଗ୍ରହଣକାରୀଙ୍କୁ ଅବସର ପୂର୍ବରୁ ଅନୁସରଣ କରାଯାଉଥିବା ପ୍ରକ୍ରିୟା ଓ ଫର୍ମ ପୂରଣ ସମ୍ପର୍କରେ

ସଚେତନ କରାଇବା ସହ ଅବସର ପରେ ଉପଲବ୍ଧ ସୁବିଧା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା ।

## ଇରାନ୍-ଓ୍ୱମେନ୍ ସ୍ପୋକ୍‌ପର୍ସନ୍

ଇରାନରେ ପ୍ରଥମ ଥର ପାଇଁ ଜଣେ ମହିଳା ସରକାରୀ ମୁଖପାତ୍ର ହେବେ । ଇରାନର ରାଷ୍ଟ୍ରପତି ମସୁଦ ପେଜେଶକିଆନଙ୍କ ପରାମର୍ଶ କ୍ରମେ ଏବଂ ମନ୍ତ୍ରିମଣ୍ଡଳର ଅନୁମୋଦନ କ୍ରମେ ଫତେମେହ ମୋହଜେରାନୀଙ୍କୁ ପ୍ରଥମ ମହିଳା ସରକାରୀ ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଥିଲା ।

ଏଡିନବର୍ଗର ଜଣେ ଡକ୍ଟର ଅଫ୍ ବିଜନେସ୍ ଆଡମିନିଷ୍ଟ୍ରେସନ୍ ଯୋଗ୍ୟତା ସମ୍ପନ୍ନ ୫୪ ବର୍ଷୀୟ ମୋହଜେରାନୀ ପୂର୍ବରୁ ଶରିୟତିର ବୈଷୟିକ ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ ବିଶ୍ୱବିଦ୍ୟାଳୟର ମୁଖ୍ୟ ଭାବରେ କାର୍ଯ୍ୟ କରିଛନ୍ତି ।

ଜଣେ ମହିଳାଙ୍କୁ ବରିଷ୍ଠ ପଦବୀରେ ନିଯୁକ୍ତି ଦେବା ହେଉଛି ଇରାନ୍ ସରକାରରେ ପ୍ରଥମ । ତାଙ୍କ ବ୍ୟତୀତ ଗତ ସପ୍ତାହରେ ପରିବେଶ ବିଭାଗର ମୁଖ୍ୟ ଭାବେ ନିଯୁକ୍ତି ପାଇଥିବା ସିନା ଅନସାରୀଙ୍କ ସମେତ ୩ ଜଣ ମହିଳା ସରକାରରେ ଉଚ୍ଚ ପଦବୀରେ ଅଛନ୍ତି । ସରକାରରେ ଅଧିକ ମହିଳାଙ୍କୁ ନିଯୁକ୍ତି ଦେବାକୁ ପେଜେସ୍କିଆନ୍ ପ୍ରଶାସନ ସଙ୍କେତ ଦେଇଛି ।

# ସୁଇସ୍ କୋର୍ଟ୍

ମାଲେସିଆର ରାଜ୍ୟ ନିବେଶ ପାଣ୍ଠିରୁ ୧ଦଶମିକ୍ ୮ ବିଲିୟନ ଡଲାରରୁ ଅଧିକ ଦୁର୍ନୀତି ଅଭିଯୋଗରେ ସ୍ୱିସ୍ ଫେଡେରାଲ କ୍ରିମିନାଲ କୋର୍ଟ ଏକ ତୈଳ ଅନୁସନ୍ଧାନ କମ୍ପାନୀର ଦୁଇ ଜଣ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

୨୦୧୫ମସିହାରେ ପ୍ରଥମ ଥର ପାଇଁ ଦୁର୍ନୀତି ଅଭିଯୋଗ ଆସିବା ପରଠାରୁ ବିଶ୍ୱବ୍ୟାପୀ ଅନେକ ଆର୍ଥିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ କବଳିତ କରିଥିବା ଅନ୍ତର୍ଜାତୀୟ ଦୁର୍ନୀତିର ରାୟ ଗତକାଲି ପ୍ରକାଶ ପାଇଛି ।

ଏଥିରେ ଅଭିଯୋଗ କରାଯାଇଛି, ସୁଇସ୍-ବ୍ରିଟିଶ ନାଗରିକ ପ୍ୟାଟ୍ରିକ୍ ମାହୋନି ଏବଂ ସୁଇସ୍-ସାଉଦି ନାଗରିକ ତାରେକ୍ ଓବେଦ ଓ୍ୱାନ୍ ଏମ୍ଡିବି ସହିତ ଏକ ମିଳିତ ଉଦ୍ୟୋଗ ସ୍ଥାପନ କରିବାରେ ସାହାଯ୍ୟ କରିଥିଲେ ଏବଂ ସେମାନଙ୍କ କମ୍ପାନୀ ପେଟ୍ରୋସାଉଦିକୁ ସାଉଦି ଆରବ ସରକାର ସମର୍ଥନ କରୁଛନ୍ତି ବୋଲି ଭୁଲ୍ ଧାରଣା ସୃଷ୍ଟି କରିଥିଲେ। ଏହି ମାମଲାରେ ଓବେଦଙ୍କୁ ୭ ବର୍ଷ ଓ ମହୋନିଙ୍କୁ ୬ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି।

# ବାଂଲାଦେଶ-କେସ୍

ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା, ତାଙ୍କ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ଓ ସହଯୋଗୀଙ୍କ ବିରୋଧରେ ଆଉ ୪ଟି ମାମଲା ରୁଜୁ ହୋଇଥିବା ବେଳେ ତାଙ୍କ ବିରୋଧରେ ମୋଟ ମାମଲା ସଂଖ୍ୟା ୭୫ରେ ପହଞ୍ଚିଛି ।

୭୬ ବର୍ଷୀୟା ହସିନା ଏବେ ୭୫ଟି ମାମଲାର ସମ୍ମୁଖୀନ ହେଉଛନ୍ତି, ଯେଉଁଥିରେ ୬୩ଟି ହତ୍ୟା, ୭ଟି ମାନବିକତା ବିରୋଧୀ ଅପରାଧ ଓ ଗଣହତ୍ୟା, ୩ଟି ଅପହରଣ ଏବଂ ୨ଟି ଅନ୍ୟାନ୍ୟ ଅଭିଯୋଗ ରହିଛି ।